
# ବିଶ୍ୱ ଶାନ୍ତି ମହାଯଜ୍ଞ



ଓଁ

ନମୋ ଭଗବତେ କେଶବଚନ୍ଦ୍ରାୟ !!!

# ବିଶ୍ୱଶାନ୍ତି ମହାଯଜ୍ଞ

# ଓ

# ସତ୍‌ସଙ୍ଗ ମହୋତ୍ସବ

୧୪୨୨ ସାଲ ମେଷ ୮ଦିନ ବୈଶାଖ ୧ଦିନ ପବିତ୍ର ଅକ୍ଷୟ ତୃତୀୟା ତିଥି ଇଂରାଜୀ ତା ୨୧.୦୪.୨୦୧୫ରିଖ ଠାରୁ ମେଷ ୧୦ଦିନ ବୈଶାଖ ୩ଦିନ ଶୁକ୍ଳ ପଞ୍ଚମୀ ତିଥି ଇଂରାଜୀ ତା ୨୩.୦୪.୨୦୧୫ରିଖ ପର୍ଯ୍ୟନ୍ତ ।

ସ୍ଥାନ : ଓଁ ଶ୍ରୀଶ୍ରୀ ରାଧାମାଧବ ପୁଣ୍ୟ ଆଶ୍ରମ
କଲ୍ୟାଣପୁର, ଶିଶୁଆ, କଟକ ।

## ସ୍ୱର୍ଣ୍ଣକ୍ଷେତ୍ର

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,**
**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ**
**ମାହାଙ୍ଗା, କଟକ ।**

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

## – ଓଁ ପରମାତ୍ମନେ ନମଃ –

କୃପାସାଗରଂ କରୁଣାବତାରଂ

ଜଗଦ୍‌ପାଳକଂ ଖ୍ୟାତଂ କୃପାକାନ୍ତମ୍

ଅଘହରଣାୟ କଳି ହତାନାଂ

ଚୈତନ୍ୟପ୍ରଦଂ ଭାରତୀ ଭର୍ତ୍ତାରମ୍

କାଳଯମୈବ ପ୍ରତିୟତେ ମୂଢ଼ାନ୍

ସମ୍ପଶ୍ୟନ୍ତି ବୈଷ୍ଣବା ଦୈବରୂପଂ

ଜ୍ଞାନୀନେ ଭାତି ପୁଣ୍ୟବନ୍ତସମମ୍

ତମୀକ୍ଷନ୍ତେ ଭକ୍ତା ବାଳମଭିରାମମ୍

ଅଦ୍ଭୁତ ପୂର୍ବଂ ଚାରୁକଳାଧବଂ

ଅଙ୍ଗ ସୌଷ୍ଠବଂ ଗୁରୁଷୁ ଗୌରବମ୍

ଅକର୍ମ କର୍ମା ବିଚିତ୍ରକର୍ମା

ପ୍ରଣମାମ୍ୟହଂ ଚରମ ପୁରୁଷମ୍ ।।

ବିଶ୍ୱପିତାଙ୍କ ନିର୍ମିତ ଏ ବିଶ୍ୱ ବ୍ରହ୍ମାଣ୍ଡରେ କୀଟ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତେ ଶାନ୍ତିକୁ ପ୍ରାପ୍ତ କରିବା ନିମନ୍ତେ ଆଶାୟୀ । ମାତ୍ର, ଯେଉଁଠାକୁ ଗଲେ ଶାନ୍ତି ମିଳେ, ସେ ଆଡ଼କୁ ଗତି ନକରି ଯାଉଛନ୍ତି ଅଶାନ୍ତି ହାଟକୁ । ଶ୍ରେୟଃ ସଉଦାକୁ ସଂଗ୍ରହ କରିବା ପରିବର୍ତ୍ତେ ପ୍ରେୟକୁ ଗଣ୍ଠିଲି ପୂରାଇ କାନ୍ଧକୁ ଯନ୍ତ୍ରଣା ଦେଇ ଆପଣା ଅଜ୍ଞାନତା ଦୋଷରୁ ଆପେ ଅଶାନ୍ତିର ନିଆଁରେ ଦଗ୍ଧୀଭୂତ । ପରିବାର ଠାରୁ ରାଷ୍ଟ୍ର ପର୍ଯ୍ୟନ୍ତ, ସାମାଜିକ ଅନୁଷ୍ଠାନ ଠାରୁ ଧର୍ମ ଅନୁଷ୍ଠାନ ପର୍ଯ୍ୟନ୍ତ ସବୁଠାରେ ଅଶାନ୍ତିର ରାଜୁତି । ତମଗୁଣର ଶିକାର ହୋଇ କିଏ ରାକ୍ଷସ ପ୍ରବୃତ୍ତିକୁ ଚରିତାର୍ଥ କରି ପାରିପାର୍ଶ୍ୱିକ ପରିବେଶରେ ଅଶାନ୍ତିର ବାତାବରଣ ସୃଷ୍ଟି କଲାଣି ତ ଆଉ କେହି କେହି ଆଧ୍ୟାତ୍ମିକ ଜଗତରେ ପାଦ ଦେଇ ମଧ୍ୟ ଧର୍ମ ବକ ସାଜି ସ୍ୱାର୍ଥ ମୀନକୁ ଆୟତ୍ତ କରିବା ପାଇଁ ଏକ ଲୟରେ ଧ୍ୟାନସ୍ଥ । ଏ ସ୍ୱାର୍ଥର ସ୍ୱରୂପ ଭିନ୍ନ ଭିନ୍ନ ପ୍ରକାରର । କିଏ ଅର୍ଥ ପାଇଁ ପାଗଳ ତ, କିଏ ପ୍ରତିଷ୍ଠା ପାଇଁ । ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି, ଦଣ୍ଡେ ବଞ୍ଚିବାର ବାସ୍ତବତାକୁ ଜାଣି ମଧ୍ୟ ମଣିଷ ଅର୍ଥ ପାଇଁ ଗୁରୁଙ୍କ ନୀତି ଆଦର୍ଶକୁ ବଳି ପକାଇ ନର୍କଗାମୀ ହେବାକୁ ତିଳେମାତ୍ର ଦ୍ୱିଧାବୋଧ କରୁନାହିଁ । ଅପରପକ୍ଷରେ ପାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମଧ୍ୟରେ ବୁଡିରହିଥିବା ଅଢେଇଦିନର ମର୍ତ୍ତ୍ୟ ଅତିଥି ଧର୍ମ ଅନୁଷ୍ଠାନର ଅର୍ଥକୁ ଆତ୍ମସାତ୍ କରିବାର ମନୋବୃତ୍ତି ନରଖିଲେ ମଧ୍ୟ ପ୍ରତିଷ୍ଠାର ମୋହରେ ଅନ୍ଧ ହୋଇ ପଡୁଛି । ଗୁଣୀୟାନ ବ୍ୟକ୍ତିର ପ୍ରଶଂସାରେ ଅସହିଷ୍ଣୁ ହୋଇ ଆପଣାର ପ୍ରୌଢ଼ୀ ଦେଖାଇ ଅନ୍ୟକୁ ସ୍ଥାନଚ୍ୟୁତ କରିବାର ପ୍ରୟାସ କରି ମାୟାବାଦୀର ପରିଚୟ ଦେଉଛି । ଅଜଣାକୁ ଜଣାଇବାର, ଅସଜଡାକୁ ସଜାଡିବାର ଉଦ୍ଦେଶ୍ୟକୁ ପରିହାର କରି ଅହଂ ସର୍ବସ୍ୱ ହୋଇ ନିଜର ପାରିଲା ପଣିଆକୁ କେବଳ ପ୍ରଦର୍ଶନ କରୁଛି ।

ସମସ୍ତେ ନିଜ ନିଜର ଆସନର ମର୍ଯ୍ୟାଦାକୁ ରକ୍ଷା କରି ନପାରି ଆଧ୍ୟାତ୍ମବାଦର ପରିଣାମକୁ ପ୍ରାପ୍ତ କରିପାରୁ ନାହାନ୍ତି । ପରିଣତି ଭୟଙ୍କର

ରୂପ ନେଉଛି । ବ୍ୟକ୍ତିଗତ ସ୍ୱାର୍ଥ ବନ୍ୟାରେ ଭାସିଯାଉଛି ଗୁରୁବାଦର ମହାନ୍ ଆଦର୍ଶ । ଅଭିମାନରେ ହୃଦୟରୁ ହୃଦୟେଶ୍ୱର ଅପସରି ଯାଉଛନ୍ତି । ଜୀବ କେବଳ ଅଶାନ୍ତି ହିଁ ଅଶାନ୍ତିକୁ ସାଉଁଟିବା ପାଇଁ ବାଧ ହେଉଛି । ଏଥିପାଇଁ ବିଶ୍ୱେଶ୍ୱର ସମଗ୍ର ବିଶ୍ୱରେ ଶାନ୍ତିର ପୁଷ୍ପ ବୃଷ୍ଟି କରି ଜୀବ ସକଳଙ୍କ ମାନସିକତାର ପରିବର୍ତ୍ତନ ଉଦ୍ଦେଶ୍ୟରେ କରୁଣାର କୈବଲ୍ୟକଣା ବିଛାଡ଼ି ଦେଇ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଉଛନ୍ତି **'ବିଶ୍ୱଶାନ୍ତି ମହାଯଜ୍ଞ'** ।

''କରି କରାଉ ଥାଏ ମୁହିଁ । ମୋ ବିନୁ ଅନ୍ୟଗତି ନାହିଁ ।।''

ଭାଗବତର ଉପରୋକ୍ତ ବାଣୀକୁ ସାର୍ଥକ କରିବା ଉଦ୍ଦେଶ୍ୟରେ ଭଗବାନ କିଛି କାର୍ଯ୍ୟ ନିଜେ କରି ପୁଣି କିଛି କାର୍ଯ୍ୟ ତାଙ୍କର ଅମୃତ ସନ୍ତାନମାନଙ୍କ ଦ୍ୱାରା କରାଇ ଥାଆନ୍ତି । ତେବେ ଆଜିର ଏହି ମହାର୍ଘ୍ୟ ଯଜ୍ଞାନୁଷ୍ଠାନକୁ ଅନୁଷ୍ଠିତ କରିବା ପାଇଁ ପ୍ରଭୁପାଦ ଚରମପୁରୁଷ ତାଙ୍କ ସୁଯୋଗ୍ୟ ସନ୍ତାନ ବାବା ପପୁରାମ ଦାସ ମହାରାଜଙ୍କୁ ମାଧ୍ୟମ କରିଛନ୍ତି । ପିତା-ପୁତ୍ର, ଗୁରୁ-ଶିଷ୍ୟ, ଜୀବ-ପରମ ଓ ଚରମନାଥ -ଚରମ ସନ୍ତାନ ଯେତେବେଳେ ଏକ ମନୋବୃତ୍ତି ନେଇ ଏକ ହୋଇ ଯାଆନ୍ତି, ସେତେବେଳେ ଧର୍ମ ସଂସ୍ଥାପନ ସହଜ ଓ ସରଳ ହୋଇଯାଏ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ମହତ୍ ଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ବାବା ପପୁରାମ ଦାସ ମହାରାଜ ଯେଉଁ କାର୍ଯ୍ୟ ନିର୍ବାହ କରୁଛନ୍ତି, ତାହା ଯେ ବିଧି ନିର୍ଦ୍ଦିଷ୍ଟ, ଏକଥା ସମସ୍ତଙ୍କର ଜ୍ଞାତ ସାପେକ୍ଷ ନୁହେଁ । କଟକ ଜିଲ୍ଲାର ସାଲେପୁର ବ୍ଲକ୍ ଅନ୍ତର୍ଗତ **କଲ୍ୟାଣପୁର** ଗ୍ରାମରେ ଆଜି କାହିଁକି **ବିଶ୍ୱଶାନ୍ତି ମହାଯଜ୍ଞ** ଅନୁଷ୍ଠିତ ହେଉଛି ତା'ର କାରଣ ଅତୀବ ଗହନ ।

ଯେଉଁ ସ୍ଥାନରେ ଯଜ୍ଞ ଅନୁଷ୍ଠିତ ହେଉଛି, ସେହି ପୁଣ୍ୟଭୂମି ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ସ୍ୱରଚିତ ''କଳିଯୁଗାନ୍ଦଗୀତା''ରେ ଉଲ୍ଲେଖ କରିଛନ୍ତି -

ବିଶ୍ୱଶାନ୍ତି ଅର୍ଥେ ଉଡିବ ଧ୍ୱଜା ।

ଧର୍ମ ସଂସ୍ଥାପନେ ସକଳ ସଜା ।।

ପୂରୁବେ ସାହେଶ୍ୱରୀ ଠାକୁରାଣୀ ।

କପୁରେଇ ଗ୍ରାମ ଦେବୀ ଜନନୀ ।।

ଭୀଷ୍ମକୁଣ୍ଡି ନଦୀ ଧାର ପଶ୍ଚିମେ ।

ଚାଟେଶ୍ୱର ମହାଦେବ ଶ୍ରୀଧାମେ ।।

ଲକ୍ଷ୍ମୀ ନୃସିଂହ ଯେ ଉତ୍ତର ଦିଗେ ।

ଦଧିବାମନେ ଶ୍ରୀ କନକ ଦୁର୍ଗେ ।।

ରଣପୋଇ ଗ୍ରାମ ଦେବତୀ ଥିବେ ।

ଚରମ ଲୀଳାକୁ ସୂକ୍ଷ୍ମେ ଦେଖିବେ ।।

ଦକ୍ଷିଣରେ ଚିତ୍ର ଉତ୍ପଳା କୂଳେ ।

ବିଶ୍ୱେଶ୍ୱର ମହାଦେବଟି ଭୋଳେ ।।

କପାଳ କାରିଣୀ ଷଠି ଦେବତୀ ।

ଅନନ୍ତ ଗୋପାଳ ମୁକ୍ତେଶ୍ୱରଟି ।।

ଅନାଦି ବ୍ରହ୍ମଙ୍କ ଲୀଳା ଦର୍ଶନ ।

କରିବା ନିମନ୍ତେ ଅତି ପ୍ରସନ୍ନ ।।

ମାଳିକା ବର୍ଣ୍ଣିତ ପଦ୍ୟାଂଶରୁ ଏହା ଜଣାପଡ଼େ ଯେ –

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଉକ୍ତ ଯଜ୍ଞ ପୀଠରେ **ସନାତନକେତନୀ** ଉତ୍ତୋଳନ ହେବ ଏବଂ ଧର୍ମ ସଂସ୍ଥାପନ ପାଇଁ ସମସ୍ତେ ସାଜସଜାରେ ଲାଗି ପଡିବେ । ଯଜ୍ଞସ୍ଥଳର ପୂର୍ବଦିଗରେ ସାହେଶ୍ୱରୀ ମନ୍ଦିର ଓ ଗ୍ରାମଦେବୀ

କପୁରେଇଙ୍କର ପୀଠ ଥିବ । ପଶ୍ଚିମରେ ଭୀଷ୍ମକୁଣ୍ଡୀ ନଦୀ ବହି ଯାଉଥିବ ଆଉ ମହାଦେବ ଚାଟେଶ୍ୱରଙ୍କର ମନ୍ଦିର ମଧ୍ୟ ଥିବ । ଉତ୍ତର ଦିଗରେ ଲକ୍ଷ୍ମୀନୃସିଂହ ମନ୍ଦିର, ଦଧିବାମନ ଜୀଉ ମନ୍ଦିର, କନକଦୁର୍ଗା ମନ୍ଦିର ଓ ରଣପୋଇ ଗ୍ରାମଦେବତୀ ମନ୍ଦିର ଥିବ । ସମସ୍ତ ଦେବାଦେବୀମାନେ ଚରମପୁରୁଷଙ୍କ ଲୀଳାକୁ ସୂକ୍ଷ୍ମରେ ଦର୍ଶନ କରିବା ପାଇଁ ଅପେକ୍ଷା କରିଥିବେ । ଦକ୍ଷିଣ ଦିଗରେ ଷଠି ଠାକୁରାଣୀ, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଅନନ୍ତଗୋପାଳ ମଠ ଓ ଚିତ୍ରୋତ୍ପଳା ନଦୀ କୂଳରେ ବିଶ୍ୱେଶ୍ୱର ମହାଦେବ ମନ୍ଦିର ଥିବ । ସୁତରାଂ, ଧନ୍ୟ ଏହି ପୁଣ୍ୟଭୂମି କଲ୍ୟାଣପୁର, ଯାହା ସମ୍ପର୍କରେ ମହାପୁରୁଷ ଅଚ୍ୟୁତଙ୍କ ଲେଖନୀ ଶତମୁଖର ହୋଇ ଉଠିଛି ।

କେଉଁ ଉଦ୍ଦେଶ୍ୟରେ ଏଠାରେ **ବିଶ୍ୱଶାନ୍ତି ମହାଯଜ୍ଞ** ଚତୁର୍ଥବର୍ଷ ପୂର୍ତ୍ତି ହୋଇ ପଞ୍ଚମ ବର୍ଷରେ ପଦାର୍ପଣ କରିଛି, ତା'ର ଏକ ଗହନ କିମ୍ବଦନ୍ତୀ ରହିଛି । ଯେଉଁ ଯୋଗୀରାଜଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରଭୁପାଦ ଏହି ଯଜ୍ଞ ପାଇଁ ବର ପ୍ରଦାନ କରିଥିଲେ, ପୁରାଣ ପୃଷ୍ଠାରେ ତାଙ୍କ ନାମ ଉଲ୍ଲେଖ ହୋଇଥିଲେ ମଧ୍ୟ ତାଙ୍କ ବରଭିକ୍ଷା ସମ୍ପର୍କରେ ବିଶେଷ ଭାବରେ ବର୍ଣ୍ଣନା ହୋଇନାହିଁ । ଭଗବାନ ଯେତେବେଳେ ଧରାପୃଷ୍ଠକୁ କଳେବର ଧାରଣ କରି ଲୀଳାରଚନା କରିବାକୁ ଆସନ୍ତି, ସେତେବେଳେ ତାଙ୍କ ଲୀଳାର ସମ୍ପୂର୍ଣ୍ଣ ବିବରଣୀ ଯୋଗୀ, ମୁନି, ସାଧକ ଓ କବିମାନେ ଦେବାପାଇଁ ଅକ୍ଷମତା ପ୍ରକାଶ କରିଥା'ନ୍ତି । ଲୀଳାମୟ ପୁରୁଷଙ୍କର ଅବର୍ଣ୍ଣନୀୟ ଲୀଳା କୌଣସି ଶାସ୍ତ୍ର ବା ପୁରାଣ ପୃଷ୍ଠା ମଣ୍ଡନ କରିଥିଲେ ମଧ୍ୟ ତାହା ଯେମିତି ଅଗମ୍ୟ, ଅବୋଧ୍ୟ ହୋଇ ରହିଗଲା ଭଳି ପ୍ରତୀୟମାନ ହୋଇଥାଏ । ତେଣୁ କୁହାଯାଇଛି –

"ହରି ଅନନ୍ତ, ହରି କଥା ଅନନ୍ତ" ।

ଏହିପରି ଭାବରେ ଯେଉଁ ଭକ୍ତ ସହ ଭଗବାନ ଲୀଳା କରିଛନ୍ତି; ମାତ୍ର

ପୁରାଣ ପୃଷ୍ଠାରେ ତାଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା ହୋଇନାହିଁ, ଆଜି ସେହି ପୁରାଣ ପୁରୁଷ **ଚରମନାଥ** ସ୍ୱୟଂ ଧରାପୃଷ୍ଠରେ ବିଦ୍ୟମାନ ହୋଇ ସେହି ଅନାଲୋଚିତ ଗାଥାକୁ ଉନ୍ମୋଚନ କରି, ଭକ୍ତକୁ ତା'ର ତପସ୍ୟାର ଫଳପ୍ରଦାନ କରିବା ଲକ୍ଷ୍ୟରେ ଏଠାରେ **ବିଶ୍ୱଶାନ୍ତି ମହାଯଜ୍ଞ** ଅନୁଷ୍ଠିତ କରାଉଛନ୍ତି । ତା'ର ଗୁପ୍ତାତିଗୁପ୍ତ ରହସ୍ୟଗୁଡ଼ିକୁ ପ୍ରଭୁପାଦଙ୍କର ସଦୟ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ପ୍ରକାଶ କରାଗଲା । ଶ୍ରୀମଦ୍ ଭାଗବତ ଓଡିଶାର ପୁରପଲ୍ଲୀରେ ଘରେ ଘରେ,ପୁରେ ପୁରେ ଆଦୃତ, ଯାହାକୁ ପରମଶାସ୍ତ୍ର ଭାବେ ଜନ ସାଧାରଣ ମାନ୍ୟତା ଦେଇଛନ୍ତି, ସେହି ଶ୍ରୀମଦ୍ ଭାଗବତରେ ଷଡ଼ ସମ୍ବାଦ ରହିଛି । ୧– ଶୁକ ପରୀକ୍ଷିତ ସମ୍ବାଦ, ୨– ନାରଦ ବସୁଦେବ ସମ୍ବାଦ, ୩– ନିମିରାଜ ନବବିପ୍ର ସମ୍ବାଦ, ୪–ଅବଧୂତ ଯଦୁରାଜା ସମ୍ବାଦ, ୫– କୃଷ୍ଣ ଉଦ୍ଧବ ସମ୍ବାଦ ଓ ୬– ସୂତ ଶୌନକ ସମ୍ବାଦ । ଏଗୁଡ଼ିକୁ ବାଦ୍‌ଦେଲେ ମୈତ୍ରେୟ ବିଦୁର ସମ୍ବାଦ ଭଳି କେତେ ଗୁଡ଼ିଏ ଉପ ସମ୍ବାଦ ମଧ୍ୟ ରହିଛି । ଷଡ଼ ସମ୍ବାଦ ମଧ୍ୟରୁ ନିମିରାଜା ନବବିପ୍ର ସମ୍ବାଦ ଅନ୍ୟତମ । ନବବିପ୍ର ହେଉଛନ୍ତି ଭାଗବତ ପ୍ରଥମ ସ୍କନ୍ଧ ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ ଏକୋଇଶି ଅବତାରଙ୍କ ମଧ୍ୟରୁ ଅଷ୍ଟମ ଅବତାର ଋଷଭଦେବଙ୍କ ଶହେଜଣ ପୁତ୍ରମାନଙ୍କ ଭିତରୁ ଶେଷ ନଅ ଜଣ ।

ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମାଙ୍କ ଠାରୁ ଜାତ ମନୁ ଓ ଶତରୂପାଙ୍କର ଦୁଇଜଣ ପୁତ୍ର ଉତ୍ତାନପାଦ ଓ ପ୍ରିୟବ୍ରତ ତିନି ଜଣ କନ୍ୟା ଆକୁତି, ପ୍ରସୂତି ଓ ଦେବହୂତି । ପ୍ରିୟବ୍ରତଙ୍କର ପୁତ୍ର ଅଗ୍ନିଧ୍ର, ଅଗ୍ନିଧ୍ରଙ୍କର ପୁତ୍ର ନାଭି, ନାଭିଙ୍କର ପୁତ୍ର ଋଷଭଦେବ । ଋଷଭଦେବଙ୍କର ଶହେ ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଭରତଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ, ଶେଷ ନଅ ଜଣ ପୁତ୍ର ହେଲେ – ହବି, କବି, ପ୍ରବୃଦ୍ଧ, ଅନ୍ତରୀକ୍ଷ, ଚମଶ, ସୁପିପ୍ପଳାୟନ, ଆବିହୋତ୍ର, ଦ୍ରବିଡ଼, କରଭାଜନ । ଉକ୍ତ ନଅଜଣଙ୍କ ମଧ୍ୟରୁ ପିପ୍ପଳାୟନ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ସ୍ୱୀୟ ସାଧନା ବଳରେ ଭଗବନାଙ୍କ ଅତିପ୍ରିୟ ଭକ୍ତ ହୋଇ ପାରିଥିଲେ । ବ୍ରହ୍ମଦର୍ଶୀ ବ୍ରାହ୍ମଣର ପରିଚୟ ମଧ୍ୟ ବହନ କରିଥିଲେ । ''ବେଦାଭ୍ୟାସେଦ୍

ଭବେତ୍ ବିପ୍ର'' ବୈଦିକ ଶାସ୍ତ୍ର ବାଣୀକୁ ସାକାର କରି ସେ ସକଳ ଜ୍ଞାନର ଅଧିକାରୀ ହୋଇ ପାରିଥିଲେ । ବାଲ୍ୟାବସ୍ଥାରୁ କଥା କହି ଶିଖି ନଥିବା କାଳରୁ ସେ ଗୁରୁଣ୍ଡି ଗୁରୁଣ୍ଡି ଉଆସର ବାହାରେ ଥିବା ପିପ୍ପଳବୃକ୍ଷ ମୂଳକୁ ଯାଇ ଧ୍ୟାନସ୍ଥ ହୋଇ ଯାଉଥିଲେ । ନଖାଇ ନପିଇ ପିପ୍ପଳ ବୃକ୍ଷତଳକୁ ପଳାୟନ କରୁଥିଲେ ବୋଲି ତାଙ୍କ ନାମ ରଖିଥିଲେ **ପିପ୍ପଳାୟନ** । **ପିପ୍ପଳ** ବୃକ୍ଷ ତଳେ ବସି ତପସ୍ୟା କରି ଦିନେ **ଶ୍ରୀମନ୍ନ ନାରାୟଣକୁ ସନ୍ତୁଷ୍ଟ** କଲେ । ନାରାୟଣ ବର ପ୍ରାର୍ଥନା କରିବାକୁ ଅଭୟ ଦେବାରୁ ପିପ୍ପଳାୟନ କହିଲେ– ହେ ପ୍ରଭୁ ! ଆପଣ ଯୁଗେ ଯୁଗେ ଯେତେବେଳେ ମାନବ ରୂପରେ ଲୀଳା କରିବେ, ସେତେବେଳେ ମୋତେ ଆପଣଙ୍କ ଲୀଳାରେ ସହଭାଗୀ କରାଇବେ । ଜୀବ ଧର୍ମର ପ୍ରଭାବରେ ମାୟାଗ୍ରସ୍ତ ହୋଇ କସ୍ମିନ୍ କାଳେ ଯଦି ବାଟବଣା ହୋଇଯାଏ, ତେବେ ବି ମୋତେ କୃପାକରି ଠିକଣା ସମୟରେ ଆପଣ ତତ୍ତ୍ୱ ଦର୍ଶନ କରାଇବେ । ଚାରିଯୁଗର ବର୍ଣ୍ଣବିଧାନକୁ ରକ୍ଷାକରି ଲୀଳା କଲାବେଳେ, ଆପଣ ଯେଉଁ ବର୍ଣ୍ଣରେ ଲୀଳା କରିବେ, ମୋତେ ସେହି ବର୍ଣ୍ଣରେ ଜନ୍ମଦେବେ । ପ୍ରଭୁ ତଥାସ୍ତୁ କଲେ ।

ତ୍ରେତୟା ଯୁଗରେ ଦଣ୍ଡକାରଣ୍ୟରେ ପ୍ରଭୁରାମଚନ୍ଦ୍ରଙ୍କର ସଙ୍ଗ ଲାଭ କରିଥିବା ଷୋହଳ ହଜାର ଋଷିମାନଙ୍କ ମଧ୍ୟରେ କ୍ଷତ୍ରିୟ କୁଳରେ ଜନ୍ମଲାଭ କରି ତପସ୍ୟା ଆଚରଣ କରିଥିବା ଋଷି **''ପାପଦାହ୍ୟ''** ଭଗବାନଙ୍କର ଅତି ପ୍ରିୟପାତ୍ର ହୋଇ ପାରିଥିଲେ । ଯୋଗୀରାଜ ପିପ୍ପଳାୟନ ହିଁ ତ୍ରେତୟା ଯୁଗରେ **''ପାପଦାହ୍ୟ''** ଋଷି ରୂପରେ ଜନ୍ମଲାଭ କରିଥିଲେ । ସେ ସର୍ବଦା ବଟବୃକ୍ଷ ତଳେ ତପସ୍ୟାରତ ରହୁଥିଲେ । ଆପଣାର ସାଧନାର ସିଦ୍ଧି ଓ ଅନାବିଳ ଭଲ ପାଇବାର ଫଳ ସ୍ୱରୂପ ଦ୍ୱାପର ଯୁଗରେ ଷୋଳସହସ୍ର ଗୋପନାରୀଙ୍କ ମଧ୍ୟରେ ଜଣେ ଗୋପୀ ହୋଇ ଭଗବାନ କୃଷ୍ଣଚନ୍ଦ୍ରଙ୍କ ସହ ଲୀଳା କଲେ । ନାମ ଧାରଣ କରିଥିଲେ **'ପ୍ରାପ୍ତିପ୍ରଜ୍ଞା'** । ପ୍ରାପ୍ତିପ୍ରଜ୍ଞା ସଂସାର ଘର କରଣାକୁ ଭୁଲି ସଦାସର୍ବଦା କଦମ୍ବ ବୃକ୍ଷ ତଳେ ରାସେଶ୍ୱର କୃଷ୍ଣକୁ ଅପେକ୍ଷା କରି ଧ୍ୟାନସ୍ଥ ହୋଇଯାଉଥିଲେ ।

ସେହି ଦ୍ୱାପର ଯୁଗରେ ବ୍ରଜବାଳା ପ୍ରାପ୍ତିପ୍ରଜ୍ଞା ଅଳ୍ପ ବୟସରେ ଦେହ ତ୍ୟାଗ କରି ପୁନଶ୍ଚ ପୁରୁଷ ଅଙ୍ଗରେ ଜନ୍ମଲାଭ କରିଥିଲେ, ଏହି କଲ୍ୟାଣପୁର ଗ୍ରାମରେ । ସେତେବେଳକୁ ଏ ସ୍ଥାନର ନାମ କଲ୍ୟାଣପୁର ନଥିଲା । ପ୍ରାପ୍ତିପ୍ରଜ୍ଞା ନାମ ବହନ କଲେ **"ପୁଣ୍ୟସିଦ୍ଧ"** । ପୁଣ୍ୟସିଦ୍ଧ କିଶୋର ବୟସର ହୋଇଥିବା ବେଳେ ଦ୍ୱାପର ଯୁଗରେ ଗୋଟିଏ ବିଶିଷ୍ଟ ଘଟଣା ଘଟିଥିଲା ।

ଅଷ୍ଟ ପାଟବଂଶୀମାନଙ୍କ ମଧ୍ୟରୁ ଲକ୍ଷ୍ମୀ ସ୍ୱରୂପା ରୁକ୍ମିଣୀଙ୍କୁ ବିବାହ କରିବା ପାଇଁ ଶିଶୁପାଳ ମନ ବଳାଇଥିଲା । ମାତ୍ର ଭଗବାନ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରିନେବା ପରେ ଶିଶୁପାଳ ଯେଉଁ ସ୍ଥାନରୁ ଭଗ୍ନମନୋରଥ ହୋଇ ଫେରିଯାଇଥିଲା, ସେ ସ୍ଥାନର ନାମ ରହିଗଲା, ଶିଶୁପାଳ ନଗ୍ର । କାଳକ୍ରମେ ତାହା ପରିବର୍ତ୍ତନ ହୋଇ ଅଧୁନା **ଶିଶୁଆ** ହୋଇଛି । ରୁକ୍ମିଣୀଙ୍କ ଭାଇ ରୁକ୍ମଙ୍କ ସହ ଯୁଦ୍ଧ କରି ଭଗବାନ କୃଷ୍ଣ ବିଜୟଲାଭ କରି ରୁକ୍ମିଣୀଙ୍କୁ ରଥରେ ଧରି ଆପଣା ରାଜ ଉଆସକୁ ଫେରିବା ବାଟରେ ଏକ ପବିତ୍ର ସ୍ଥାନରେ ରୁକ୍ମିଣୀ ଓ କୃଷ୍ଣଚନ୍ଦ୍ରଙ୍କ ଯୁଗଳମୂର୍ତ୍ତି ଦର୍ଶନ କରି ଗ୍ରାମବାସୀ କୃତ୍ୟକୃତ୍ୟ ହୋଇ ତାଙ୍କୁ ପୂଜାର୍ଚ୍ଚନା ଦେଇଥିଲେ । ଠିକ୍ ସେତିକିବେଳେ କଦମ୍ବବୃକ୍ଷ ତଳେ ତପସ୍ୟାରତ କିଶୋର ସନ୍ନ୍ୟାସୀ ପୁଣ୍ୟସିଦ୍ଧ ଧ୍ୟାନସ୍ଥ ଅବସ୍ଥାରେ ଏ କଥା ଜାଣିପାରି ଧାଇଁ ଆସିଲେ ଭଗବାନ କୃଷ୍ଣଙ୍କ ପାଖକୁ । ପୁଣ୍ୟସିଦ୍ଧ, ଭଗବାନ କୃଷ୍ଣ ଓ ରୁକ୍ମିଣୀଙ୍କର ଅନେକ ସ୍ତୁତି କଲେ । ସ୍ତୁତିରେ ସନ୍ତୋଷ ଲାଭ କରି ଭଗବାନ କୃଷ୍ଣ ପୁଣ୍ୟସିଦ୍ଧ ସମେତ ସମସ୍ତ ଗ୍ରାମବାସୀଙ୍କୁ କଲ୍ୟାଣ କଲେ ଯେ – କଳିଯୁଗରେ ଯେତେବେଳେ ଯୁଗମୀମାଂସାର ସୂତ୍ର ଧରି ଅବ୍ୟକ୍ତ ମଣ୍ଡାଧିପତି **ଚରମପୁରୁଷ** ଧରାମଣ୍ଡନ କରିବେ, ପୁଣ୍ୟସିଦ୍ଧଙ୍କୁ ପୁଣ୍ୟପ୍ରାପ୍ତ କରାଇବା ଲକ୍ଷ୍ୟରେ ଏଠାରେ ଏକ ଯଜ୍ଞାନୁଷ୍ଠାନ କରାଇବେ । ବିଶ୍ୱବାସୀ ଯେତେବେଳେ ମାନବୀୟ ଗୁଣକୁ ପରିହାର କରି ଆପଣାର ଭାଇ ଭାଇ ଭିତରେ କଳହରତ ଥାଇ ଅଶାନ୍ତିରେ କାଳାତିପାତ କରୁଥିବେ, ସେତେବେଳେ **ବିଶ୍ୱଶାନ୍ତି ଯଜ୍ଞ** କରାଇ ବିଶ୍ୱବାସୀଙ୍କୁ ଶାନ୍ତ କରାଇବେ । ଭଗବାନ କୃଷ୍ଣ, ମାତା ରୁକ୍ମିଣୀ ସେ ସ୍ଥାନକୁ ପରିତ୍ୟାଗ

କରିବା ପରେ କିଶୋର ରଷି ପୁଣ୍ୟସିଦ୍ଧ ଗ୍ରାମର ନୂତନ ନାମକରଣ କଲେ । ବିଜୟ ବାହୁଡା ସମୟରେ ଭଗବାନ କୃଷ୍ଣ ଗ୍ରାମବାସୀଙ୍କୁ କଲ୍ୟାଣ କରିଥିବାରୁ ଯୁଗ ଯୁଗକୁ ଏ ସ୍ଥାନ ଅମରଗାଥା ବହନ କରିବ ଏବଂ ସେଥିପାଇଁ ଏ ଗ୍ରାମର ନାମ ଆଜିଠାରୁ **"କଲ୍ୟାଣପୁର"** ହେବ ।

ସୃଷ୍ଟିର ପ୍ରାଥମିକ ପର୍ଯ୍ୟାୟର ଯୋଗୀରାଜ ପିପ୍ପଳାୟନ, ତ୍ରେତୟା ଯୁଗର କ୍ଷତ୍ରିୟ ରଷି "ପାପଦାହ୍ୟ", ଦ୍ୱାପର ଯୁଗର ଗୋପନାରୀ "ପ୍ରାପ୍ତିପ୍ରଜ୍ଞା" ଓ ତତ୍‌ପର ଜନ୍ମ ବୈଶ୍ୟ ବଂଶଜ କିଶୋର ରଷି 'ପୁଣ୍ୟସିଦ୍ଧ' କଳିଯୁଗରେ ପ୍ରଥମ ଥର ଜନ୍ମଗ୍ରହଣ କଲେ **ପୁରନ୍ଦର** ନାମରେ । କଳିର ପ୍ରଭାବରେ ପ୍ରଭାବିତ ହୋଇ ମାୟା କବଳିତ ପୁରନ୍ଦର ପୂର୍ବଜନ୍ମ ସଂସ୍କାରକୁ ଭୁଲି ଧର୍ମ ପରୀକ୍ଷାରେ ପଡ଼ିଗଲେ । ତମଗୁଣର ଶିକାର ହୋଇ ଅନ୍ୟକୁ ପୀଡ଼ା ଦେବା ଆରମ୍ଭ କଲେ । ହଠାତ୍ ଦିନେ ନିଜ କଳାକର୍ମର ଅନୁତାପରେ ଅନୁତପ୍ତ ହୋଇ ପ୍ରାୟଶ୍ଚିତ ଲକ୍ଷ୍ୟରେ ସଂସାର ପ୍ରତି ବିତସ୍ପୃହ ହୋଇ ତପ ଆଚ଼ରଣ କଲେ । ତମଗୁଣର ପ୍ରଭାବରୁ ସେ ଶୈବ ଥିଲେ । ଶିବଙ୍କୁ ତପସ୍ୟା କରିବା ପାଇଁ ଏକ ଅରଖ ବୃକ୍ଷ ତଳେ ତପସ୍ୟା କଲେ । ସିଦ୍ଧି ପ୍ରାପ୍ତ ହେଲାପରେ ଶଙ୍କର ଭଗବାନ ତାଙ୍କୁ ବରଦେଲେ ଓ ପୂର୍ବ ଯୁଗମାନଙ୍କର ସମସ୍ତ କଥା ମନେ ପକାଇଦେଲେ । ଏ ଜନ୍ମର ଦେହତ୍ୟାଗ ପରେ ପୁନଶ୍ଚ ତୁମେ ବିଷ୍ଣୁ ଭକ୍ତ ହେବ ଏବଂ ଭଗବାନଙ୍କୁ ପାଇବ । ପରବର୍ତ୍ତୀ ଜନ୍ମରେ ତୁମେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଭଗବାନଙ୍କ ଲୀଳାରେ ସହଯୋଗୀ ହେବ ।

ଆଜିର ଯେଉଁ ରାଧାମାଧବ ମଠ ପ୍ରାଙ୍ଗଣରେ **ବିଶ୍ୱଶାନ୍ତି ମହାଯଜ୍ଞ** ଅନୁଷ୍ଠିତ ହେଉଛି, ଏଠାରେ ଅନେକ ବର୍ଷ ତଳେ ଜଣେ ଗୃହୀ ସନ୍ୟାସୀ ଅବସ୍ଥାନ କରିଥିଲେ । ତାଙ୍କ ନାମ 'ବାବା ଜୟରାମ ଦାସ ମହାରାଜ' । ତାଙ୍କ ସହିତ ଜଣେ ମାତା ରହୁଥିଲେ । ତାଙ୍କ ନାମ ଥିଲା "ହାରାମଣୀ ଦେବୀ" । ବାବା ଜୟରାମ ଦାସ ଅଖଣ୍ଡ ଶକ୍ତିର ଅଧିକାରୀ ଥିଲେ । କମଣ୍ଡଳୁରୁ ଦୁଇଟି

ଛୁରୀ ଦ୍ୱାରା ପାଣିବୁନ୍ଦାଏ ଆଣି ଯାହାକୁ ଦେଉଥିଲେ, ତା' ଶରୀରର ସମସ୍ତ ରୋଗ ବ୍ୟାଧି ଉପଶମ ହୋଇ ଯାଉଥିଲା । ବାବା ଜୟରାମ ଦାସଙ୍କ ଦେହାନ୍ତ ପରେ ସେ ଅଞ୍ଚଳବାସୀ ଜଣେ ଉତ୍ତମ ମଠାଧୀଶ ପାଇ ପାରି ନଥିଲେ । ଜନ ସମୁଦାୟଙ୍କର ବ୍ୟାକୁଳତାକୁ ସହି ନପାରି ଦିନେ ବାବା ଜୟରାମ ଦାସ ଶୂନ୍ୟବାଣୀ କରିଥିଲେ ଯେ – ୧୯୮୬ ମସିହା ପରେ ଜନ୍ମଲାଭ କରିଥିବା ଏକ ବାଳୁତ ବାବା ଆସି ମଠର ମହନ୍ତ ଦାୟିତ୍ୱ ତୁଲାଇବେ ଏବଂ ସେ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞାନୁଷ୍ଠାନ କରାଇବେ ।

ବର୍ତ୍ତମାନର ମଠାଧୀଶ 'ବାବା ପପୁରାମ ଦାସ' ଛଅ ବର୍ଷ ତଳେ ଶିଶୁଆ ଅଞ୍ଚଳର ମଧ୍ୟଭାଗରେ ପବିତ୍ର ସ୍ଥାନ 'ସପନପୁର'ରେ ପୂର୍ବଜନ୍ମର ମହିମା ସହିତ ସମ୍ପର୍କ ଯୋଡି ଅରଖ ଗଛ ତଳେ ତପସ୍ୟାରେ ରତଥିବା ସମୟରେ ଚତୁଃପାର୍ଶ୍ୱରେ ଅନେକ ଗୁଡାଏ ସାପ ଘେରି ଗଲେ । ବାବା ପପୁରାମ ଦାସ ଚକ୍ଷୁ ଖୋଲି ଏ ଦୃଶ୍ୟକୁ ଦେଖିଲା ପରେ ସେ ସ୍ଥାନ ଛାଡ଼ି ଚାଲିଗଲେ । ଏହାଥିଲା ବିଧାତାଙ୍କର ପୂର୍ବ ନିର୍ଦ୍ଧାରିତ ମାନସିକତା, ଯାହାକି ପୂର୍ବ ଯୁଗର ବରପ୍ରାପ୍ତିକୁ ଭଗବାନ ନିଶ୍ଚୟ ସାକାର କରିବେ । ବାବା ଜୟରାମ ଦାସଙ୍କର ଶୂନ୍ୟବାଣୀ ସତ୍ୟ ହେବ । ଜଗତର କଲ୍ୟାଣ ନିମିତ୍ତ କଲ୍ୟାଣପୁରରେ ଆରମ୍ଭ ହେବ **ବିଶ୍ୱଶାନ୍ତି ମହାଯଜ୍ଞ** । ଏ ସମସ୍ତ କାର୍ଯ୍ୟକୁ ସିଦ୍ଧାନ୍ତ କରିବା ଲକ୍ଷ୍ୟରେ ଭଗବାନ ଜଣେ ଦେବଦୂତଙ୍କୁ ପ୍ରେରଣ କଲେ ବାବା ପପୁରାମ ଦାସଙ୍କ ପାଖକୁ । ବ୍ୟକ୍ତି ଜଣକ ବାବାଙ୍କୁ କଲ୍ୟାଣପୁର ମଠରେ ରହିବା ପାଇଁ ପରାମର୍ଶ ଦେଲେ । ଭଗବାନଙ୍କ ଲୀଳା ବଡ ବିଚିତ୍ର । ବାବା ପପୁରାମ ଦାସ ବ୍ୟକ୍ତି ଜଣକଙ୍କ କଥାକୁ ହେୟଜ୍ଞାନ ନକରି ବିଧାତାଙ୍କ ନିର୍ଦ୍ଦେଶ ବୋଲି ମନେ କରି ମଠକୁ ଯିବାପାଇଁ ସମ୍ମତି ପ୍ରଦାନ କଲେ । ମାତ୍ର ସର୍ତ୍ତ ରଖିଲେ ଯେ ଯେଉଁ ଆଶ୍ରମରେ ଜଗନ୍ନାଥଙ୍କ ବିଗ୍ରହ ସହ କୃଷ୍ଣଙ୍କ ଚିତ୍ରପ୍ରତିମା ଥିବ, ମୁଁ ସେହି ଆଶ୍ରମରେ ଅବସ୍ଥାନ କରିବି ।

ଦେବଦୂତ ସାଜି ପରାମର୍ଶ ଦେଇଥିବା ବ୍ୟକ୍ତିଙ୍କ ସହ ବାବା ପପୁରାମ ଦାସ ଯେତେବେଳେ ଏହି ମଠରେ ପହଞ୍ଚିଲେ, ଦେଖିଲେ ତାଙ୍କର ଇପ୍‌ସିତ ଦେବତାଙ୍କ ଚିତ୍ର ପ୍ରତିମା ସେଠାରେ ଅଛନ୍ତି । ମନର ସମସ୍ତ ପରିକଳ୍ପନା ସାକାର ରୂପ ନେଲା । ବାବା ପପୁରାମ ଦାସଙ୍କୁ କଲ୍ୟାଣପୁର ମଠର ମାଟି ଆକର୍ଷିତ କଲା । ସାଧନମାର୍ଗରେ ବ୍ରତୀ ରହିଲେ ବାବା ପପୁରାମ ଦାସ । ଅନୁଭବ ସୂତ୍ରରେ କଳି ଅବତାରଙ୍କ ମହିମା ଅବଗତ ହେଲେ । ମନେ ପଡିଗଲା ଦ୍ୱାପର ଯୁଗର ସେହି ରୁକ୍ମିଣୀ ଓ କୃଷ୍ଣଚନ୍ଦ୍ରଙ୍କର ଯୁଗଳ ମୂର୍ତ୍ତି ରୂପ ଦର୍ଶନ କଥା, ଭକ୍ତମାନଙ୍କୁ ରାଧା ସଜାଇବା ପାଇଁ **ଧାରା** ପ୍ରଦାନ କରିବାକୁ ମାଧବ ଗୁରୁଅଙ୍ଗରେ ଆସିବାର କଥା । ତେଣୁ ସେ ଆଶ୍ରମର ନାମକରଣ କଲେ **ଓଁ ଶ୍ରୀଶ୍ରୀ ରାଧାମାଧବ ପୁଣ୍ୟ ଆଶ୍ରମ ।**

ଆଜି ସେହି ପୁଣ୍ୟତିଥି, ଯେଉଁ ତିଥିରେ ପପୁରାମ ଦାସ ତାଙ୍କ ପୂର୍ବଜନ୍ମ ପୁରନ୍ଦର ନାମରେ ଦେବଦେବ ମହାଦେବଙ୍କ ଠାରୁ ବରପ୍ରାପ୍ତ ହୋଇଥିଲେ । ବାବାଙ୍କର ଯୁଗାନ୍ତର ଓ ଜନ୍ମାନ୍ତରବାଦ କଥାକୁ ଉଲ୍ଲେଖ କରିବାକୁ ଯାଇ ଅଚ୍ୟୁତ 'ଅବାଡ଼ ସଂହିତା'ରେ ଉଲ୍ଲେଖ କହିଛନ୍ତି ଯେ –

ନବବିପ୍ର ମଧ୍ୟେ ଖ୍ୟାତ ସୁପିପ୍ପଳାୟନ ।
ଦଣ୍ଡକାରଣ୍ୟେ ତ୍ରେତାରେ ପାପଦାହ୍ୟ ନାମ ।।
ଗୋପେ ଗୋପୀ ପ୍ରାପ୍ତିପ୍ରଜ୍ଞା ରାସରେ ରସିଲେ ।
କଦମ୍ବ ଛାୟାରେ ପୁଣ୍ୟସିଦ୍ଧ ତପୀ ହେଲେ ।।
ରୁକ୍ମିଣୀକାନ୍ତ ଭକ୍ତଙ୍କୁ କଲ୍ୟାଣ ବରଷି ।
କଲ୍ୟାଣପୁରକୁ ଧନ୍ୟକଲେ ମହାଋଷି ।।

ପୁରନ୍ଦର ତପସାଧି ଭୋଳାମନ ଜୟ ।
ବିଶ୍ୱଶାନ୍ତି ଯାଗ ପାଇଁ ପାଇଲେ ଅଭୟ ।।

ମହାପୁରୁଷ ଅଚ୍ୟୁତଙ୍କର ମାଳିକା ପଦ୍ୟାନୁଯାୟୀ ଭାଗବତ ବର୍ଣ୍ଣିତ ନବବିପ୍ରଙ୍କ ମଧ୍ୟରୁ ସୁପିପ୍ପଳାୟନ, ତ୍ରେତୟାଯୁଗରେ ଦଣ୍ଡକାରଣ୍ୟର ଷୋହଳହଜାର ଋଷିଙ୍କ ମଧ୍ୟରେ ଥିଲେ ''ପାପଦାହ୍ୟ'' ନାମ ବହନ କରି । ପୁଣି ଦଣ୍ଡକ ବନର ଷୋହଳ ହଜାର ଋଷି ଦ୍ୱାପରରେ ଯେତେବେଳେ ଷୋଳ ସହସ୍ର ଗୋପନାରୀ ହୋଇ ଭଗବାନ କୃଷ୍ଣଙ୍କ ସହ ରାସ କଲେ, ତାଙ୍କର ନାମ ହେଲା ''ପ୍ରାପ୍ତିପ୍ରଜ୍ଞା'' । ସେହି ଦ୍ୱାପରରେ ଦ୍ୱିତୀୟଥର ଜନ୍ମଲାଭ କରି ନାମ ବହନ କଲେ 'ପୁଣ୍ୟସିଦ୍ଧ' । ପୁନଶ୍ଚ କଳିଯୁଗରେ 'ପୁରନ୍ଦର' ନାମରେ ଶିବଙ୍କୁ ଆରାଧନା କରି ବରପ୍ରାପ୍ତି ହେଲେ । କଳିଯୁଗରେ ପୁଣି ଦ୍ୱିତୀୟଥର ଜନ୍ମଗ୍ରହଣ କରି ୨୦୧୦ ମସିହା ଫେବୃୟାରୀ ୧୨ ତାରିଖ ପୁଣ୍ୟ କୃଷ୍ଣଚତୁର୍ଦ୍ଦଶୀ ମହାଶିବରାତ୍ରି ଠାରୁ ଏଠାରେ ଅବସ୍ଥାନ ପୂର୍ବକ ଜଗତ କଲ୍ୟାଣକର କାର୍ଯ୍ୟରେ ସଦା ଚେଷ୍ଟିତ ହୋଇ ରହିଛନ୍ତି ।

ବାବା ପପୁରାମଦାସ ଯେଉଁ ପିତାଙ୍କର ପୁଣ୍ୟ ଔରସରୁ ଜାତ ହୋଇ ଏହି ଧୂଳିର ଧରଣୀକୁ ଧନ୍ୟ କଲେ, ସେ ସମ୍ପର୍କରେ ମହାପୁରୁଷ ଅଚ୍ୟୁତ ତାଙ୍କ ସ୍ୱରଚିତ ଶିବକଳ୍ପ ସପ୍ତମ ନିର୍ଘଣ୍ଟରେ ଉଲ୍ଲେଖ କରିଛନ୍ତି –

ଉତ୍ତରକୋଶଳେ ଜନମ ତାହାର ସୁର ଦାସ ବୋଲି ଜାଣ ।
ଓଡିଶା ଦେଶରେ ଭକ୍ତ ପପୁଦାସ ଭକତ ଅଟଇ ପୁଣ ।।
କବିତା ଚାତୁରୀ ଜ୍ୟୋତିରେ ଶରଧା ଅଘୋରୀରେ ଦିନ ନେବ ।
କୃଷ୍ଣରେ ଆଶ୍ରିତ ଥିବାରୁ ତା ମନେ ଦୟା କେବେ ନକରିବ ।।

ମହାପୁରୁଷ ଅଚ୍ୟୁତଙ୍କର ପ୍ରତୀକଧର୍ମୀ ତତ୍ତ୍ୱକୁ ବୁଝିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଏଠାରେ ମହାପୁରୁଷ କହିଛନ୍ତି ଯେ ଜଗତଜନଙ୍କ କୁଶଳ ପାଇଁ ଯେଉଁ ପୁଣ୍ୟକ୍ଷେତ୍ରରେ ପ୍ରଭୁ ଲୀଳା କରୁଥିବେ, ତାହା ହେଉଛି କୋଶଳ । ତେଣୁ କୋଶଳ ଅର୍ଥାତ୍ **ସ୍ୱର୍ଣ୍ଣକ୍ଷେତ୍ରର** ଉତ୍ତର ଦିଗରେ ବିଷ୍ଣୁପ୍ରାଣ ସୁରେନ୍ଦ୍ର ଜେନାଙ୍କର ଘର କାନପୁର । ଭଗବାନଙ୍କର ଯିଏ ଭକ୍ତ ହୋଇଯାଏ, ସେହି ଗୁରୁଆଶ୍ରିତ ବ୍ୟକ୍ତିର ବଂଶଗତ ପରିଚ୍ଚୟ ବଦଳିଯାଏ । ଶିଷ୍ୟ ନିଜକୁ ଗୁରୁଙ୍କର ଦାସ ବୋଲି ବିବେଚ୍ଚନା କରେ । ତେଣୁ ମାଳିକା ବର୍ଣ୍ଣିତ ସୁରଦାସ ହେଉଛନ୍ତି ବାବା ପପୁରାମ ଦାସଙ୍କ ଜନ୍ମଦାତା ପିତା ସୁରେନ୍ଦ୍ର ଜେନା । ତାଙ୍କର ପୁତ୍ର ଓଡିଶା ରାଜ୍ୟରେ ଭକ୍ତ ପପୁରାମ ଦାସ ଅବସ୍ଥାନ କରି ଆପଣା ସୁବାକ୍ୟର ଚାତୁରୀରେ ଜ୍ଞାନରୂପକ ଜ୍ୟୋତି ବିକିରଣ କରି ଅଘୋରୀ ଭଳି ଜୀବନଯାପନ କରୁଥିବେ । କୃଷ୍ଣଙ୍କର ଆଶ୍ରିତ ହୋଇଥିବାରୁ କୃଷ୍ଣ କେଶବଙ୍କ ଦୟା ବ୍ୟତୀତ ସେ ଆଉ ଅନ୍ୟର ଦୟାକୁ ଗ୍ରହଣ କରୁ ନଥିବେ ।

ଉକ୍ତ **ବିଶ୍ୱଶାନ୍ତି ମହାଯଜ୍ଞର** ପୁଣ୍ୟବେଳା ବା ପବିତ୍ର ଲଗ୍ନ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ମହାପୁରୁଷ କହିଛନ୍ତି –

ବେନିକୁ ଫେଡିଣ ପିଣ୍ଡର ତତ୍ତ୍ୱ ।
ସାଲ ପ୍ରକାଶରେ ଯାଗ ଆହୂତ ।।
ଆଦ୍ୟରାଶି ବସୁ ମାସ ପ୍ରଥମ ।
ଅକ୍ଷୟ ତୃତୀୟା ଘଟ ଧାରଣ ।।
ପଞ୍ଚମୀ ପଞ୍ଚମ ପୂର୍ଣ୍ଣ ଆହୁତି ।
ଚତୁର୍ଥେ ବିଜୟ ଚରମ ଯତି ।।

କଲ୍ୟାଣ ନଗରେ ବିଶ୍ୱ କଲ୍ୟାଣ ।

ପାଇଁ ଯାଗ ହେବ ଦୃଢ଼ ପ୍ରମାଣ ।।

ଦ୍ୱିଧା ହେବ ଯା'ର ଅସତମତି ।

ଯାଗକୁ ଚାହିଁଛି ଦାସ ଅଚ୍ୟୁତି ।।

କୋଟିକେ ଗୋଟିଏ ଯେହୁ ଭକତ ।

ଯଜ୍ଞ ଦର୍ଶନରେ ହେବ ମୁକତ ।।

ମହାପୁରୁଷଙ୍କ ମାଳିକା ପଦ୍ୟାଂଶର ଅର୍ଥ ଏହା ଯେ – ବେନି କହିଲେ ଦୁଇ, ପିଣ୍ଡ ଚତୁର୍ବିଂଶତି ତତ୍ତ୍ୱରେ ନିର୍ମାଣ ହୋଇଛି । ଚବିଶରୁ ଦୁଇକୁ ଫେଡ଼ିଲେ ୨୪–୨=୨୨ । ଅର୍ଥାତ୍ ୧୪୨୨ ସାଲରେ ଯଜ୍ଞ ହେବ । ରାଶିଚକ୍ର ମଧ୍ୟରୁ ଆଦ୍ୟ ବା ପ୍ରଥମ ରାଶି ହେଲା ମେଷ, ବସୁ କହିଲେ ଅଷ୍ଟବସୁ ଅର୍ଥାତ୍ ମେଷ ୮ଦିନ, ମାସ ପ୍ରଥମ କହିଲେ- ପ୍ରଥମ ମାସ ବୈଶାଖର ପ୍ରଥମ ଦିନ, ଅକ୍ଷୟ ତୃତୀୟାରେ ଘଟ ଧାରଣ କହିଲେ–ଶୁଭାଧିବାସ କଳସୀଯାତ୍ରା କାର୍ଯ୍ୟ ଅନୁଷ୍ଠିତ ହେବ । ପଞ୍ଚମୀ ତିଥିରେ ପଞ୍ଚମ କହିଲେ–**ବିଶ୍ୱଶାନ୍ତି ମହାଯଜ୍ଞର** ପଞ୍ଚମ ବର୍ଷର ପୂର୍ଣ୍ଣାହୁତି ହେବ । ଚତୁର୍ଥେ ବିଜୟ ଚରମ ଯତି କହିଲେ – ଏହି ରାଧାମାଧବ ପୁଣ୍ୟ ଆଶ୍ରମର ବାବା ପପୁରାମ ଦାସଙ୍କ ଦ୍ୱାରା ଅନୁଷ୍ଠିତ ଯଜ୍ଞର ଚତୁର୍ଥବର୍ଷ ଅର୍ଥାତ୍ ଗତବର୍ଷ ସତ୍‌ସଙ୍ଗ ମଣ୍ଡପକୁ ବିଜେ କରିଥିଲେ ଯତିରୂପଧାରୀ ଅବ୍ୟକ୍ତ ମଣ୍ଡଳାଧିପତି **ଚରମ ପୁରୁଷ** । ବିଶ୍ୱ କଲ୍ୟାଣ ପାଇଁ କଲ୍ୟାଣ ନଗର ବା ପୁରରେ ଯଜ୍ଞ ହେବ ବୋଲି ଅଚ୍ୟୁତାନନ୍ଦ ଦୃଢ଼ ପ୍ରଣାମ ଦେଇଛନ୍ତି । ଅସତ୍‌ମତି ମିଥ୍ୟାବାଦୀମାନେ ଏ ଯଜ୍ଞକୁ ଦେଖି ଦ୍ୱିଧାରେ ପଡିବେ। ଉକ୍ତ ଯଜ୍ଞକୁ ଦର୍ଶନ କରିବା ପାଇଁ ନିର୍ବିକଳ୍ପ ଯୋଗୀ ଅଚ୍ୟୁତ ମଧ ସୂକ୍ଷ୍ମରେ ଚାହିଁ ବସିଛନ୍ତି । ଯେଉଁ ଭକ୍ତମାନେ କୋଟିକରେ ଗୋଟିଏ ହୋଇଥିବେ, ସେମାନେ ଏହି ଯଜ୍ଞାନୁଷ୍ଠାନକୁ ଦର୍ଶନ କରି ମୁକ୍ତି ପାଇଯିବେ ।

ଶେଷରେ ଆସନ୍ତୁ, ପ୍ରଭୁଙ୍କର ପରମ ପାବନକାରୀ ପଦାରବିନ୍ଦରେ ଏତିକି ପ୍ରାର୍ଥନା କରିବା, ହେ-ସର୍ବାନ୍ତର୍ଯ୍ୟାମୀ ଠାକୁରେ !!! ଆପଣତ ସାର୍ବଭୌମ, ସର୍ବକାଳୀନ, ଅବିନାଶୀ, ଅଭାଗାର ଭାଗ୍ୟ, ଚକ୍ଷୁହୀନର ଦୃଷ୍ଟିତେଜ, ରଙ୍କୁଣୀର ରଙ୍କନିଧି, ସାଧକର ସର୍ବସିଦ୍ଧି, ଆପଣ ତ ମାନବର ଚିନ୍ତା ଶକ୍ତିର ବହୁତ ଉର୍ଦ୍ଧ୍ୱରେ । ଆପଣ ଏତିକି କୃପା କରିବେ । ଆମ୍ଭମାନଙ୍କୁ ଆପଣଙ୍କ କାର୍ଯ୍ୟରେ ସତତ ନିଯୁକ୍ତ କରିବେ । ଆଉ ବିଭିନ୍ନ ପରିବେଶ ପରିସ୍ଥିତିରେ ଯେତେବେଳେ ବିଭିନ୍ନ କାରିଗର ଦ୍ୱାରା ଭିନ୍ନ କାର୍ଯ୍ୟକୁ କରାଇ ନେଉଛନ୍ତି ସେତେବେଳେ କାହାର ଅନ୍ତରରେ ଯେପରି ଦମ୍ଭ ଭାବ ଏବଂ ହୀନମାନ୍ୟତା ସୃଷ୍ଟି ନହେବ ସେମିତି ସାନ୍ତ୍ୱନା ଓ ପ୍ରେରଣା ଦେଉଥିବେ । ଭ୍ରାତୃତ୍ୱର ଶକ୍ତ ଡୋରିରେ ସମସ୍ତଙ୍କୁ ବାନ୍ଧି ଦେଇ ଆପଣା ଇଚ୍ଛାକୁ ପରିପୂର୍ତ୍ତୀ କରିବେ । ହେ ଚରମ ବନ୍ଧୁ ! ଆପଣ ଆଡ଼ ନୟନରେ ନଚାହିଁଲେ ଦୀନଜନର ଦିନ କାନ୍ଦୁକାନ୍ଦୁ ସରିବ ନାହିଁ । ହେ କୃପାକାନ୍ତ ! ହେ ଭାରତୀ ପତି !!! ଚରମ ଚୈତନ୍ୟ ପ୍ରଦାନ କରି ଦଗ୍ଧୀଭୂତ ମନ ପ୍ରାଣକୁ ଶୀତଳ କରାନ୍ତୁ ।

ସୃଷ୍ଟିର ମଙ୍ଗଳ ହେଉ ।

**ଅଳମତି ବିସ୍ତରେଣ**

**ଶ୍ରୀ କେଶର୍ବାପଣମସ୍ତୁ**

**ଶ୍ରୀ କେଶବ ଶରଣଂ ଶ୍ରୀ କେଶବ ଶରଣଂ ଶ୍ରୀ କେଶବ ଶରଣଂ ।**



ଆମର ଲକ୍ଷ୍ୟ : ପ୍ରେମ ପ୍ରାପ୍ତି